# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 August – 2026

**********************************

## ମୁଖ୍ୟ ସମ୍ବାଦ

- ନିବେଶକ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

– କହିଲେ; ଓଡ଼ିଶା ଦେଶର ପ୍ରମୁଖ ନିବେଶ ଗନ୍ତବ୍ୟସ୍ଥଳଭାବେ ଉଭା ହୋଇଛି

- ଭୁବନେଶ୍ୱରଠାରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

- ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଲାଭାନ୍ୱିତ

ଏବଂ

- ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ସମ୍ଭାବନା

BBSR/R

# ନିବେଶକ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଏବଂ ଶନିବାର ଦିନ ନୂଆଦିଲ୍ଲୀରେ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ୨୦୨୬ ଏବଂ ନିବେଶକ ରୋଡ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନିବେଶ ପାଇଁ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଶାସନ, ନିର୍ଣ୍ଣାୟକ ନିଷ୍ପତ୍ତି ଏବଂ ଦ୍ରୁତ ଅଭିବୃଦ୍ଧି ଦ୍ୱାରା  ଓଡ଼ିଶା ଦେଶର ପ୍ରମୁଖ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ନୂଆଦିଲ୍ଲୀରେ ଏହି ନିବେଶକ ସମ୍ମିଳନୀ ଖାଦ୍ୟ ପ୍ରକ୍ରିୟାକରଣ, ଆଲୁମିନିୟମ ଏବଂ ଇସ୍ପାତ, ବିଶୋଧନ ଓ ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆକର୍ଷିତ କରିବା ଉପରେ ଧ୍ୟାନ କେନ୍ଦ୍ରୀତ କରିବ। ଏହି ଅବସରରେ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯାହା ଗୁଣାତ୍ମକ ନିଯୁକ୍ତି ସୁଯୋଗ, ଶିଳ୍ପ ଅଭିବୃଦ୍ଧି ଏବଂ ଅନ୍ତର୍ଭୁକ୍ତୀମୂଳକ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରି ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି।

# ପାଠ୍ୟପୁସ୍ତକ

ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସଂଶୋଧନ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହିତ ବହୁ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ରହି ସଂଶୋଧିତ ପାଠ୍ୟପୁସ୍ତକ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞଙ୍କ ମତାମତ ଆଧାରରେ ପାଠ୍ୟପୁସ୍ତକଗୁଡ଼ିକର ସଂଶୋଧନ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ସଂଶୋଧିତ ପୁସ୍ତକ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ପାଠ୍ୟପୁସ୍ତକ ତ୍ରୁଟି ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଗିରଫ ହୋଇଥିବା ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପରିଷଦର ପୂର୍ବତନ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଶ୍ରୀ ପାଢ଼ିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ରାଜ୍ୟରେ ୪୫ ହଜାର ସରକାରୀ ଓ ସରକାରୀ

ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ପ୍ରାୟ ୪୬ ଲକ୍ଷ ଛାତ୍ରଛାତ୍ରୀଙ୍କୁ ତ୍ରୁଟିଥିବା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା।

Desk

# ଏଲ୍‌ଏସ୍

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ କାର୍ଯ୍ୟ ଆଜି ମଧ ବାଧାପ୍ରାପ୍ତ ହୋଇଛି। ପୂର୍ବାହ୍ନ ୧୧ଟାରେ ଲୋକସଭା ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ହିରୋସୀମା ଓ ନାଗାସାକି ପରମାଣୁ ବୋମା ବିସ୍ଫୋରଣ ଘଟଣାର ସ୍ମରଣ କରି ପୀଡ଼ିତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରୀ ବିର୍ଲା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶ୍ୱ ଶାନ୍ତି ଓ ସଦ୍‌ଭାବକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ କହିଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ବିଭିନ୍ନ ଦାବି ନେଇ ଗୃହରେ ହଟ୍ଟଗୋଳ କରିବାରୁ ଗୃହ କାର୍ଯ୍ୟକୁ ମୁଲତବୀ କରାଯାଇଥିଲା।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବାଣିଜ୍ୟ, ଶିଳ୍ପ ଏବଂ ରସାୟନ ଓ ସାର ବିଭାଗ ସଂପର୍କିତ ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା । ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ

ସଦସ୍ୟଙ୍କ ହଟ୍ଟଗୋଳ ପାଇଁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରିସ୍ଥିତିରେ ସୁଧାର ନ ଆସିବାରୁ ଗୃହକୁ ମୁଲତବୀ ରଖାଯାଇଛି।

Desk

## ହର୍ ଘର୍ ତ୍ରିରଙ୍ଗା

ସ୍ୱାଧୀନତାର ଅମୃତକାଳରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ' ଆରମ୍ଭ ହୋଇଛି। ଏହା କେବଳ ଘରେ ଘରେ ଜାତୀୟ ପତାକା ଉତ୍ତୋଳନର କାର୍ଯ୍ୟ ନୁହେଁ ବରଂ ଦେଶର ଐକ୍ୟ, ଅଖଣ୍ଡତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ନାଗରିକଙ୍କ ଅଙ୍ଗୀକାର ବଦ୍ଧର ପ୍ରତୀକ। ପ୍ରତି ବର୍ଷ ସ୍ୱାଧୀନତା ଦିବସକୁ ଦୃଷ୍ଟିରେ ରଖି ଏହି ଅଭିଯାନ ମାଧ୍ୟମରେ ଦେଶବାସୀଙ୍କୁ ନିଜର ଘର, କାର୍ଯ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଆହ୍ୱାନ ଦିଆଯାଇଥାଏ। ଏହା ନୂତନ ପିଢ଼ିଙ୍କୁ ଜାତୀୟ ପତାକାର ଗୌରବ, ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ସହ ଯୋଡ଼ିବାର ଏକ ସଫଳ ପ୍ରୟାସ। ତ୍ରିରଙ୍ଗାର କମଳା ରଙ୍ଗ ସାହସ ଓ ତ୍ୟାଗର ବାର୍ତ୍ତା ଦେଇଥାଏ, ଧଳା ରଙ୍ଗ ସତ୍ୟ, ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ ଏବଂ ସବୁଜ ରଙ୍ଗ ସମୃଦ୍ଧିର ବିକାଶ ଓ ପ୍ରକୃତି ସହ ଆମର ସମ୍ପର୍କକୁ ପ୍ରତିଫଳିତ କରିବା ସହ ଅଶୋକ ଚକ୍ର ନ୍ୟାୟ, ଗତିଶୀଳତା ଓ

ନିରନ୍ତର ପ୍ରଗତିର ସନ୍ଦେଶ ବହନ କରିଥାଏ। ଆସନ୍ତୁ ଏହି ସ୍ୱାଧୀନତା ଦିବସର ସମସ୍ତେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ସହ ଦେଶପ୍ରେମ ଓ ଜାତୀୟ ଗୌରବର ବାର୍ତ୍ତାକୁ ସୁଦୃଢ଼ କରିବ।

Debagada

## ଜିଲ୍ଲା– ହର୍ ଘର୍ ତ୍ରିରଙ୍ଗା

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଆସନ୍ତା ୧୦ ତାରିଖରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ତ୍ରିରଙ୍ଗା ଏବଂ ବନ୍ଦେ ମାତରମ୍ ସମବେତ ଗାୟନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନଲାଇନ୍, ଜଣାଅଜଣା କାର୍ଯ୍ୟକ୍ରମ, ତ୍ରିରଙ୍ଗା ର୍‍ୟାଲି ଶୋଭାଯାତ୍ରା, ତ୍ରିରଙ୍ଗା, ଆଲୋକସଜ୍ଜା, ରଙ୍ଗୋଲି, ଚଳଚ୍ଚିତ୍ର ପ୍ରଦର୍ଶନୀ ଆଦି କରାଯିବାକୁ ସ୍ଥିର କରାଯାଇଛି।

English Pool

# ଯୋଶୀ –ସିଆଇଆଇ

କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଦେଶରେ ପିଏମ୍. ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଲାଭାନ୍ୱିତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ

ସିଆଇଆଇ ଆନ୍ତର୍ଜାତିକ ଶକ୍ତି ସମ୍ମିଳନୀ ଏବଂ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ  ମନ୍ତ୍ରୀ କହିଛନ୍ତି, ଦେଶରେ ବର୍ତ୍ତମାନ ୧୯ ଲକ୍ଷ ପରିବାର ଶୂନ୍ୟ ବିଜୁଳି ବିଲ୍ ସୁବିଧା ପାଉଛନ୍ତି । ଶ୍ରୀ ଯୋଶୀ କହିଛନ୍ତି, ଏହି ଯୋଜନା ଅଧୀନରେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ବଳକା ବିଜୁଳି ବିକ୍ରିକରି  ୪୨୧ କୋଟି ଟଙ୍କା ପାଇଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଅଣଜୀବାଶ୍ମ କ୍ଷେତ୍ରରେ ଦେଶ ୫୦୦ ଗିଗାୱାଟ ଶକ୍ତି ହାସଲ କରିବା ଲକ୍ଷ୍ୟରେ ଆଗେଇ ଚାଲିଛି । ଏ ଦିଗରେ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଶିଳ୍ପ ସଂସ୍ଥାଗୁଡ଼ିକ ସହ ଆଲୋଚନା ମାଧ୍ୟମରେ ସଫଳତା ହାସଲ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

Desk

# ଓଜେଇଇ-ଅନ୍‌ଲାଇନ ପଞ୍ଜିକରଣ

ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଜିଠାରୁ ଓଜେଇଇ ପକ୍ଷରୁ ଅନ୍‌ଲାଇନ୍ ପଞ୍ଜିକରଣ ଏବଂ କାଉନ୍‌ସେଲିଂ ଆରମ୍ଭ ହୋଇଛି । ପ୍ରାର୍ଥୀମାନେ କାଉନ୍‌ସେଲିଂର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ସୂଚନା ପାଇଁ ଓଜେଇଇର ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରିପାରିବେ ।

Desk

## ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତାକାଲିଠାରୁ ପୁରୀ-ସୋଲାପୁର ଜଙ୍ଗସନ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍‌ଟି ଶୁକ୍ରବାର ରାତି ୧୧ଟା ୪୫ରେ ପୁରୀରୁ ଯାତ୍ରା ଆରମ୍ଭ କରି ରବିବାର ଭୋର୍ ୪ଟା ୧୫ରେ ସୋଲାପୁର ଜଙ୍କସନରେ ପହଞ୍ଚିବ ।

Rayagada

## ଆମ ରାସ୍ତା ନିର୍ମାଣ

ରାୟଗଡ଼ା ଜିଲ୍ଲା ନିୟମଗିରି ଡଙ୍ଗରିଆ ଗ୍ରାମୀଣ ସଡ଼କ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆମ ରାସ୍ତା ଯୋଜନା କାର୍ଯ୍ୟକାରୀ କରାଯିବ । ଏ ନେଇ ଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ କର୍ପୋରେଟ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜିଲ୍ଲା ପ୍ରଶାସନ ପ୍ରସ୍ତୁତ କରାଯାଇଥିବା ଆକଳନ ଅନୁଯାୟୀ, ମୁନିଗୁଡ଼ା ବ୍ଲକରେ ପ୍ରାୟ ୧୦ ଦଶମିକ ୩/୦ କିଲୋମିଟର ଗ୍ରାମୀଣ ସଡ଼କ ନିର୍ମାଣ କରାଯିବା ସହ ୨୪ଟି କ୍ରସ୍ ଡ୍ରେନେଜ୍ ଷ୍ଟ୍ରକଚର ନିର୍ମାଣ କରାଯିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଯାତାୟତ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ,

ଜୀବିକା, ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି।

Rayagada

## ଆସ ଖେଳିବା, ଆସ ଶିଖିବା

ଶିଶୁମାନଙ୍କ ସାମଗ୍ରୀକ ବିକାଶ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଆସ ଖେଳିବା, ଆସ ଶିଖିବା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଖେଳ ମାଧ୍ୟମରେ ଶିକ୍ଷା ଶିଶୁଙ୍କ ଭାଷା ଓ ଜ୍ଞାନଗତ କୌଶଳର ବିକାଶ କରିଥାଏ। ଏଥିରେ ଅଭିଭାବକଙ୍କ ସକ୍ରିୟ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ।

Bhadrak

## ବିକଶିତ ଭାରତ କାର୍ଯ୍ୟକ୍ରମ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଯୁବକ, ବିକଶିତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ସମେତ କ୍ରୀଡ଼ା ଏନ୍.ଏସ୍.ଏସ୍. ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଯୁବ ସମାଜକୁ ନିଶା କବଳରୁ ରକ୍ଷା କରି ଏକ ସୁସ୍ଥ ଏବଂ ବିକଶିତ ଭାରତ

ଗଠନ ଦିଗରେ ସମେସ୍ତ ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ କଲେଜରୁ ବିଦ୍ୟାର୍ଥୀମାନେ ଯୋଗଦେବା ସହ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

Nuapada

## ସେବା କେନ୍ଦ୍ର ଉଦ୍‌ଘାଟିତ

ନୂଆପଡ଼ା ଜିଲ୍ଲା ପୁଲିସ ପଡ଼ିଆରେ ଆରକ୍ଷୀ ସେବା କେନ୍ଦ୍ରକୁ ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂହ ଉଦ୍‌ଘାଟନ କରିଛନ୍ତି। ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

Desk

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ସର୍ବାଧିକ ୧୦୭ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

Bhadrak

# ଜଳସ୍ତର ବୃଦ୍ଧି

ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲା ସାଳନ୍ଦୀ ନଦୀ ରାଜଘାଟଠାରେ ଜଳସ୍ତର ବୃଦ୍ଧି ପାଉଛି । ଆଜି ଦିନ ଗୋଟାଏ ସୁଦ୍ଧା ଜଳସ୍ତର ୧୬ ଦଶମିକ ୬/୦ ମିଟର ରହିଛି । ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଶାଖା ନଦୀ ନାଳିଆ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ଏହାଦ୍ୱାରା ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।